

କ୍ଷମତାର ଅପବ୍ୟବହାର କୌଣସି ଲୋକ ଦୀର୍ଘ କାଳ ଧରି କରିପାରିନାହିଁ କି ପାରିବ ନାହିଁ।
-ସେନେକା



## ସଂକ୍ଷେପରେ

### ଇଞ୍ଜିନିୟର୍ସ ଦିବସ ପାଳିତ



ଜୟପୁର,୧୫।୯( ଡି.ଏନ୍.ଏ.): ଜୟପୁର ନିକଟସ୍ଥ ବାରିଣିପୁଟରେ ରାଜ୍ୟ ଡିପ୍ଲୋମା ଇଞ୍ଜିନୟର୍ସ ସର୍ଭିସ ସଂଘ କୋଲାବ ଡିଭିଜନ ପକ୍ଷରୁ ୫୨ତମ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଛି। ଏହି ଦିବସ ଦେଶର ବରିଷ୍ଠ ଇଞ୍ଜିନିୟର ସାର୍ ଏମ. ବିଶ୍ୱେସରୟାଙ୍କ ଜନ୍ମଦିବସ ହୋଇଥିବା ଯୋଗୁ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସଂଘର ଉପଦେଷ୍ଟା ଇଂ. ବି.ଏନ୍.ଆର. ସୁବୁଦ୍ଧି, ମହାମଣ୍ଡଳ ସଂପାଦକ ଇଂ ରମାକାନ୍ତ ଦାସ, କୋଲାବ ଶାଖା ସଭାପତି ଇଂ ରଜନୀକାନ୍ତ ମିଶ୍ର ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଥିରେ ଇଂ. ବିଶ୍ୱାସରାୟଙ୍କ ଜୀବନୀ ଉପରେ ଆଲୋକପାତ କରାଯିବା ସହ ଯନ୍ତ୍ରୀମାନେ ସର୍ବଦା ଜନ କଲ୍ୟାଣ ଯୋଜନା କାର୍ଯ୍ୟରେ ନିୟୋଜିତ ରହି ନିଷ୍ଠାର ସହ ଏହାକୁ ପାଳନ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା।

### ପ୍ରୟାସ ଅନୁଷ୍ଠାନ ପକ୍ଷରୁ ଚାରାରୋପଣ



ସେମିଳିଗୁଡ଼ା,୧୫।୯(ସ୍ୱ.ପ୍ର.): ସୁନାବେଡ଼ା ହାଲ୍ ସ୍ଥିତ ଏଡିଏଭି ହାଇସ୍କୁଲରେ ପ୍ରୟାସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ମେଗା ବୃକ୍ଷରୋପଣ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ସଦସ୍ୟ ପ୍ରଦୀପ ତ୍ରିପାଠୀ, ଆଶିଷ ଶତପଥୀ, ବିଶ୍ୱଜିତ ରାୟ, ସୀମାଞ୍ଚଳ ପାଢ଼ୀ, ସ୍କୁଲ ପ୍ରଧାନ ଶିକ୍ଷକ ଅଶୋକ ପୃଷ୍ଟି, ନିଧି ତ୍ରିପାଠୀ, କ୍ଷିତିଶ ଚନ୍ଦ୍ର ରଣା, ତାପସ ମଲ୍ଲିକ, ସାଇବା ପରବୀନ ଉପସ୍ଥିତ ଥିଲେ। ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇଥିବା ପୂର୍ବତନ ମେଧାବୀ ଛାତ୍ରୀଛାତ୍ରଙ୍କୁ ପ୍ରୟାସ ଅନୁଷ୍ଠାନ ପ୍ରତିବର୍ଷ ପୁରସ୍କୃତ କରିବ ବୋଲି ସୂଚନା ଦେବା ସହ ଗଛଟିଏ ଲଗାଇ ଏହାର ଯତ୍ନନେବା ଓ ସୁସ୍ଥ ସମାଜ ଗଠନ କରିବା ପାଇଁ ଏଥିରେ ଆହ୍ୱାନ ଦିଆଯାଇଥିଲା।

### ନିଖୋଜ ନାବାଳକ ଉଦ୍ଧାର



ଦଶମନ୍ତପୁର,୧୫।୯(ଡି.ଏନ୍.ଏ.): ନିଖୋଜ ଥିବା ଜଣେ ନାବାଳକଙ୍କୁ ସ୍ଥାନୀୟ ପୋଡ଼ାଗଡ଼ ପଞ୍ଚାୟତବାସୀ ଉଦ୍ଧାର କରି ଜିଲା ଶିଶୁ ସୁରକ୍ଷା ବିଭାଗକୁ ହସ୍ତାନ୍ତର କରିଛନ୍ତି। ୨ ଦିନ ତଳୁ ସେ ବସ୍‌ରେ ଚାଲିଆସି ଏଠାରେ ଓହ୍ଲାଇବା ପରେ ଏଣେତେଣେ ବୁଲୁଥିଲେ। ହୋଟେଲରୁ ମଗାଯଚା ଖାଇବା ଓ ରାତିରେ ଦୋକାନ ଆଗରେ ରହିଯାଉଥିଲେ। ପୋଡ଼ାଗଡ଼ ଗ୍ରାମର ସ୍ନେହାସିତ୍ ସ୍ୱାଇଁ, ଗୁପ୍ତ ବିଶୋଇ, ବିଷ୍ଣୁପ୍ରସାଦ ପଟ୍ଟନାୟକ ତାଙ୍କୁ ଦେଖିବା ପରେ ପରିଚୟ ପଚାରି ବୁଝିଥିଲେ। ବାଳକ ଜଣକ ଲକ୍ଷ୍ମୀପୁର ବ୍ଲକ କୁସୁମଗୁଡ଼ା ପଞ୍ଚାୟତ ତଳବିଲାନସିଲ୍ ଗାଁର ଯଦୁ ଖରାଙ୍କ ପୁଅ ସମୀର (୮) ବୋଲି ଜଣାପଡ଼ିଥିଲା। ଏହାପରେ ସନ୍ଧ୍ୟାରେ ତାଙ୍କୁ ଜିଲା ଶିଶୁ ସୁରକ୍ଷା ବିଭାଗକୁ ହସ୍ତାନ୍ତର କରାଯାଇଥିଲା।

### ମଦ ଜବତ, ଜଣେ କୋର୍ଟଚାଲାଣ

କାକିରିଗୁମ୍ମା,୧୫।୯: ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ଅଞ୍ଚଳରେ ଏବେ ମଦର ବ୍ୟାପକ କାରବାର ଚାଲିଛି। ବ୍ଲକର ସବୁଠୁ ବଡ଼ ହାଟ କାକିରିଗୁମ୍ମା ପଡ଼ିଆ ସାରା ଖାଲି ମଦ ବୋତଲ ପଡ଼ିଛି। ଏହାକୁ ଦୃଷ୍ଟିରେ ରଖି କାକିରିଗୁମ୍ମା ଥାନା ପୋଲିସ ଏବେ ଆକ୍ସନ ମୁଡ୍‌ରେ ରହି ମଦବେପାରୀଙ୍କ ଉପରେ ଚଢ଼ାଉ ଆରମ୍ଭ କରିଛି। ପ୍ରଥମ ଦିନରେ ବିଦେଶୀ ମଦ ବିକୁଥିବା ଅଭିଯୋଗରେ କାକିରିଗୁମ୍ମା ପୋଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। କାକିରିଗୁମ୍ମା ଥାନା ଆଇଆଇସି ଧୀରେନ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏସ୍ଆଇ ହିମାଂଶୁ ଶେଖର ବେନିଆ ଓ ଏଏସ୍ଆଇ ମଙ୍ଗଲୁ ବିଶୋଇ ପୋଲିସ ଟିମ ସହ ରମେଶ ଚନ୍ଦ୍ର ବିଶୋଇଙ୍କ ଘରେ ଚଢ଼ାଉ କରିଥିଲେ। ତାଙ୍କ ଘରୁ ୪୭ ବୋତଲ ବିଦେଶୀ ମଦ ଜବତ କରାଯାଇଥିବା ତଦନ୍ତକାରୀ ଅଫିସର ବେନିଆ କହିଛନ୍ତି।

# ରାସ୍ତା ନିର୍ମାଣରେ ବିଳମ୍ବ କରୁଛି ଏନ୍‌ବିସିସି

## ■ ଜମି ଚିହ୍ନଟ ଆଳରେ କାମ ପକାଇରଖିଛି ଠିକାସଂସ୍ଥା

ଜୟପୁର,୧୫।୯(ଡି.ଏନ୍.ଏ.)



ଅସମ୍ପୂର୍ଣ୍ଣ ହୋଇ ପଡିରହିଥିବା ରାସ୍ତା।

■ ୫କୋଟି ୪୮ ଲକ୍ଷ ୪୪ ହଜାର ଟଙ୍କାର ବ୍ୟୟବରାଦ
■ ଗତ ଜୁଲାଇ ୪ରେ ନିର୍ମାଣ କାମ ସରିବା ପାଇଁ ଟାର୍ଗେଟ୍ ଥିଲା
■ ସେପ୍ଟେମ୍ବର ସୁଦ୍ଧା ସରିଛି ମାତ୍ର ୧୦ ପ୍ରତିଶତ କାମ

ଜୟପୁର ବ୍ଲକ ରଣ୍ଡାପାଲୀ ପଞ୍ଚାୟତ ସଦରରୁ ଗଡ଼ପଦର ପଞ୍ଚାୟତ ତାଡ଼ପାଣି ଗ୍ରାମ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୧୨.୬ କିଲୋମିଟର ରାସ୍ତାର ନିର୍ମାଣ କାମ ସରିବାର ଅନ୍ତିମ ତାରିଖ ୨୦୧୯ ଜୁଲାଇ ୪ ରହିଥିଲା। ଯାହା ଇତିମଧ୍ୟରେ ଅତିକ୍ରମ କରିସାରିଛି। କିନ୍ତୁ ଏଯାବତ୍ ନିର୍ମାଣ କାମର ୧୦ ପ୍ରତିଶତ ମଧ୍ୟ ଶେଷ ହୋଇ ନଥିବା କେବିଡି ପଞ୍ଚାୟତ ସମିତି ସଭ୍ୟ ରାଜେନ୍ଦ୍ର ସାହୁ ଓ ଅନ୍ୟ ପଞ୍ଚାୟତ ପ୍ରତିନିଧି ଅଭିଯୋଗ କରିଛନ୍ତି।

ବାହାର ରାଜ୍ୟର ଏନ୍‌ବିସିସି ଠିକାସଂସ୍ଥା ୫କୋଟି ୪୮ ଲକ୍ଷ ୪୪ ହଜାର ଟଙ୍କାର ଏହି କାର୍ଯ୍ୟ ପାଇଛି। ୨୦୧୮ରୁ ନିର୍ମାଣ କାମ ଆରମ୍ଭ ହୋଇ ବର୍ଷକ ଭିତରେ ସରିବା ପାଇଁ ଚୁକ୍ତି ହୋଇଥିଲା। କିନ୍ତୁ ଅବଧି ଅତିକ୍ରମ ହୋଇସାରିଥିଲେ ମଧ୍ୟ ମାତ୍ର ୩ କିଲୋମିଟର ପର୍ଯ୍ୟନ୍ତ ରାସ୍ତାରେ ମୋରମ ପକାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ଉପରିସ୍ଥ ଅଧିକାରୀ ରାସ୍ତାକାମର ଯାଞ୍ଚ କରିପାରିବେ ବୋଲି ନିୟମ ରହିଛି। ଯାହାର ଫାଇଦା ନେଇ ଠିକାସଂସ୍ଥା କାର୍ଯ୍ୟରେ ଅବହେଳା କରିଚାଲିଛି ବୋଲି ପଞ୍ଚାୟତ ପ୍ରତିନିଧି କହିଛନ୍ତି। ଏହି ରାସ୍ତା ବ୍ଲକର ରଣ୍ଡାପାଲୀ, କେବିଡି, ରାଣୀଗଡ଼ ଓ ଗଡ଼ପଦର ପଞ୍ଚାୟତର ବିଭିନ୍ନ ଗ୍ରାମକୁ ସଂଯୋଗ କରୁଛି। ଏହି ରାସ୍ତାକାମ ସରିଥିଲେ ୧୦ ହଜାରରୁ ଅଧିକ ଗ୍ରାମବାସୀ ଗମନାଗମନ ସୁବିଧା ପାଇଥାଆନ୍ତେ। କିନ୍ତୁ କିଛି ଅଞ୍ଚଳରେ ବନ ବିଭାଗ ପକ୍ଷରୁ ଜଙ୍ଗଲ ଜମି ସମସ୍ୟା ଓ ଜୟପୁର ତହସିଲ ସହାୟତା କରୁ ନଥିବା ଆଳ ଦେଖାଇ ଠିକାସଂସ୍ଥା ନିର୍ମାଣ କାମ ପକାଇ ରଖିଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଛି। କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ କୋମଲ ପଟେଲଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ବନ ବିଭାଗ ନିକଟରେ ଆବେଦନ ହୋଇଥିଲେ ମଧ୍ୟ ଅନୁମତି ମିଳିନାହିଁ। ଫଳରେ ନିର୍ମାଣ କାମରେ ବାଧା ଉପୁଜିବା ସହ ବିଳମ୍ବ ହେଉଛି। ପ୍ରକଳ୍ପ ନିର୍ଦ୍ଦେଶକ ଡି.ଏଲ୍. ଯାଦବ କହିଛନ୍ତି, ଜଙ୍ଗଲଜମି ସମସ୍ୟା ସମାଧାନ ହୋଇଛି। କିନ୍ତୁ ତହସିଲ ପକ୍ଷରୁ ସହାୟତା ମିଳୁ ନ ଥିବାରୁ ରାସ୍ତା ପାଇଁ ଜମି ଚିହ୍ନଟ ହୋଇପାରୁ ନାହିଁ। ତେବେ ବନ ଓ ରାଜସ୍ୱ ବିଭାଗ ସହ ଠିକାସଂସ୍ଥା ସମନ୍ୱୟ ରଖି ନଥିବା ଯୋଗୁ ନିର୍ମାଣ କାମରେ ବିଳମ୍ବ ହେଉଥିବା ଜଣାପଡ଼ିଛି।

# ନାଚିଲେନି ବୋଲି କିନ୍ନରଙ୍କୁ ଆକ୍ରମଣ

ଜୟପୁର,୧୫।୯(ନି.ପ୍ର.)

**ଥାନାରେ ଏତଲା**

ଜୟପୁର ସହରର କୁମ୍ଭାର ସାହିରେ ଜଣେ କିନ୍ନରଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ଟାଉନ ଥାନାରେ ଏତଲା ହୋଇଛି। ଗଣେଶ ପୂଜା ବିସର୍ଜନ ସମୟରେ କୁମ୍ଭାର ସାହିର ରୁପା କିନ୍ନରଙ୍କୁ ନାଚିବା ପାଇଁ ସ୍ଥାନୀୟ କେତେକ ଯୁବକ ବାଧ କରିଥିଲେ। ସେ ଅରାଜି ହେବାରୁ ତାଙ୍କ ଉପରେ ଆକ୍ରମଣ କରାଯାଇଥିବା ସେ ନିଜ ଏତଲାରେ ଦର୍ଶାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ କୁମ୍ଭାର ସାହିର ଦୁରବିଚିଗୁଡ଼ା ଅଞ୍ଚଳରେ କେତେକ ଯୁବକ କିନ୍ନରମାନଙ୍କୁ ଦେଖିଲେ ଅଶାଳୀନ ମନ୍ତବ୍ୟ ଦେଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ସମସ୍ତଙ୍କୁ ସମାନ ଅଧିକାର ଦିଆଯିବା ପାଇଁ ସମ୍ବିଧାନ କହୁଥିବା ବେଳେ ଜୟପୁରରେ ତାଙ୍କ ଭଳି କିନ୍ନରଙ୍କୁ ଏହି ଅଧିକାରରୁ ବଞ୍ଚିତ କରାଯାଉଥିବା ରୁପା କିନ୍ନର ଅଭିଯୋଗ କରିଛନ୍ତି। ପୋଲିସ ତୁରନ୍ତ ତାଙ୍କୁ ନ୍ୟାୟ ଦେବା ପାଇଁ ଇନ୍ଦ୍ରାଣୀ କିନ୍ନର, ଚୈତନ୍ୟ ଗୋଲରୀ କିନ୍ନର, ରାଜେଶ୍ୱରୀ ନାୟକ କିନ୍ନର ଓ ଶ୍ୟାମସୁନ୍ଦର ହରିଜନ କିନ୍ନର ଦାବି କରିଛନ୍ତି।

# ଫ୍ରେଣ୍ଡସ ୟୁନିଟ୍ କ୍ଲବ ପକ୍ଷରୁ ହିନ୍ଦୀ ଦିବସ




ହିନ୍ଦୀ ଦିବସରେ ଫେଣ୍ଡସ୍ ୟୁନିଟ୍ କ୍ଲବର ସଦସ୍ୟମାନେ।

ବୈପାରୀଗୁଡ଼ା,୧୫।୯(ଡି.ଏନ୍.ଏ.)

ଫ୍ରେଣ୍ଡସ ୟୁନିଟ୍ କ୍ଲବ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଛି। ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷା ସରୋଜିନୀ କାଣ୍ଡିକି, ସରପଞ୍ଚ ଭାଗିରଥି ମୁର୍ଜିଆ, ସହକାରୀ ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ରାଉତ, ବିଏସ୍ଏଫ୍ ଅଧିକାରୀ ଜେ.ଆର. ସିଂ, ସାମାଜିକ କର୍ମୀ କାମାକ୍ଷା ପ୍ରସାଦ ମାଝି ଓ ଫ୍ରେଣ୍ଡସ ୟୁନିଟ୍ କ୍ଲବର ସଭାପତି ଯୋଗ ଦେଇଥିଲେ। ଜାତୀୟ ସଂହତିରେ ହିନ୍ଦୀ ଭାଷାର ଭୂମିକା ଉପରେ ଏଥିରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଆୟୋଜିତ ବକ୍ତୃତା ଓ ସଂଗୀତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ଭୀମସେନ ହରିଜନ ଓ ଫ୍ରେଣ୍ଡସ ୟୁନିଟ୍ କ୍ଲବର ସଦସ୍ୟ ଅଭିମନ୍ୟୁ ରଗଡି, ରବି ସଗରିଆ, ଚକ୍ର ବୈରାଗୀ ସଭା ପରିଚାଳନାରେ ସହଯୋଗ କରିଥିଲେ।

# ଦାମନଯୋଡ଼ିରେ ନୂଆଖାଇ ଭେଟ୍‌ଘାଟ୍

ଦାମନଯୋଡ଼ି,୧୫।୯(ସ୍ୱ.ପ୍ର.)




ନୂଆଖାଇ ଭେଟ୍‌ଘାଟ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି।

ଦାମନଯୋଡ଼ି ସ୍ଥିତ ସେକ୍ଟର-୩ ମନ୍ଦିରରେ ରବିବାର ନୂଆଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଛି। ଏଠାରେ ବସବାସ କରୁଥିବା ପଶ୍ଚିମ ଓଡ଼ିଶାର ପ୍ରାୟ ୨ଶହ ପରିବାର ସଦସ୍ୟ ଉତ୍ସବରେ ଭାଗ ନେଇଥିଲେ। ନୂଆ ଚାଉଳରେ ତିଆରି ଚୁଡ଼ାକୁ ଏଠାକାର ଆରାଧ୍ୟ ଦେବୀ ମା' କଣ୍ଟାବାଉଁଶୁଣୀ ଓ ଜଗନ୍ନାଥଙ୍କ ମନ୍ଦିରରେ ଲାଗି କରାଯିବା ପରେ ସମସ୍ତେ ବାଣ୍ଟି ଖାଇଥିଲେ। ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ଓ ମା'ଙ୍କୁ ଭୋଗଲାଗି ମଧ୍ୟ କରାଯାଇଥିଲା। ଏହାପରେ ନୂଆପଡ଼ା ଜିଲା ଗମ୍ଭାରୀଗୁଡ଼ାରୁ ଆସିଥିବା ରାଧାକୃଷ୍ଣ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ହେରମ୍ବ ବାଘଙ୍କ ନେତୃତ୍ୱରେ ଘୁମୁରା ନୃତ୍ୟ ପରିବେଷଣ କରାଯାଇଥିଲା। ଆୟୋଜକ ଦାମନଯୋଡି ନୂଆଖାଇ ଭେଟ୍‌ଘାଟ୍ କମିଟିର ସଦସ୍ୟ ଅଶ୍ୱିନୀ କାଲୋ, ମନୋଜ ସାହୁ, ମୋହନ ସାହୁ, ସୁଦାମ ମହାକୁଡ଼ ଓ ଶଶିକାନ୍ତ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାଲ୍‌କୋ ମହାପ୍ରବନ୍ଧକ ସୁଶିଲ ପାଢ଼ୀ, ଡିଜିଏମ୍ ପ୍ରମୋଦ ମହାପାତ୍ର, ସମ୍ପାଦକ ସୁରେନ୍ଦ୍ର କହଁର, ଯୁଗ୍ମ ସମ୍ପାଦକ ତପେଶ୍ୱର ମେହେର, କୋଷାଧ୍ୟକ୍ଷ ନିରଞ୍ଜନ ଗୌଡ଼, ସଂଯୋଜକ ପୀତବାସ ପାଣ୍ଡେ ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ କପିଳାସ କର୍ଣ୍ଣ, ଜୟକୃଷ୍ଣ ପ୍ରଧାନ, ଗିରିଧାରୀ ତିର୍କୀ, ଜଳେନ୍ଦ୍ର ତ୍ରିପାଠୀ, ଅରୁଣ ମିଶ୍ର, ମମଚନ୍ଦ କିଷାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଡାକ୍ତରଙ୍କୁ ହତ୍ୟା ଧମକ ଦେଇ ଠିକାଦାର ଗିରଫ

କୋରାପୁଟ,୧୫।୯(ସ୍ୱ.ପ୍ର.)

ପଟ୍ଟାଙ୍ଗି ଅଞ୍ଚଳର ଜଣେ ଡାକ୍ତରଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ରବିବାର ପୋଲିସ ଜଣେ ଠିକାଦାରଙ୍କୁ ଗିରଫ କରିଛି। ଏହାପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରା କହିଛନ୍ତି। ଗିରଫ ଠିକାଦାର ହେଲେ ଆଶିଷ ରାଉତ (୩୮)। ଗତ ୮ ତାରିଖରେ ଆଶିଷ ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିବା ବେଳେ କୌଣସି କାରଣରୁ ଡାକ୍ତର ପ୍ରବୀଣ ସାହୁଙ୍କ ସହ ତାଙ୍କର ବଚସା ହୋଇଥିଲା। ଏଥିରେ ଆଶିଷ ଡାକ୍ତରଙ୍କୁ ହତ୍ୟା ଧମକ ଦେଇଥିଲେ। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ ପଟ୍ଟାଙ୍ଗି ଥାନାରେ ଏତଲା ଦେବା ପରେ ଏନେଇ ଗତ ୯ ତାରିଖରେ କେସ୍ ନଂ ୮୫/୨୦୧୯ରେ ଏକ ମାମଲା ରୁଜୁ ହୋଇଥିଲା। ରବିବାର ଧାରା ୨୯୪/୩୩୨/୫୦୬ ଓ ୩୪ ଆଇପିସିରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

# ସ୍ୱଦେଶୀ ସନ୍ଦେଶ ଯାତ୍ରା




ସ୍ୱଦେଶୀ ସାମଗ୍ରୀ ବ୍ୟବହାର ପାଇଁ ବାହାରିଥିବା ସନ୍ଦେଶ ଯାତ୍ରା।

କୋରାପୁଟ,୧୫।୯(ସ୍ୱ.ପ୍ର.)

କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟରେ କୋରାପୁଟ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଚାଲିଥିବା ଦୁଇଦିନିଆ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଛି। ଯାଇଛି। ପ୍ରଥମେ ଦେଶ ପରେ ଅନ୍ୟ ସବୁ, ଏହି ଭାବନାକୁ ଗ୍ରହଣ କରି ସ୍ୱଦେଶ ସାମଗ୍ରୀ ଆପଣେଇଲେ ଦେଶ ଆର୍ଥିକ ଦୃଷ୍ଟିରୁ ବିକଶିତ ହୋଇପାରିବ ବୋଲି ଏଥିରେ ମତ ପ୍ରକାଶ ପାଇଛି। ମଞ୍ଚର ପ୍ରାନ୍ତ ସହ ପ୍ରଚାର ପ୍ରମୁଖ ମନୋରଞ୍ଜନ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଦିବସରେ ମଞ୍ଚ ରାଷ୍ଟ୍ରୀୟ ସଂଗଠକ କାଶ୍ମିର ଲାଲଜୀ, ଓଡ଼ିଶା ପ୍ରାନ୍ତ ସହ ସଂଗଠକ ପ୍ରଭାସ ପାଣିଗ୍ରାହୀ, କାର୍ଯ୍ୟକ୍ରମ ପ୍ରମୁଖ ରବିନାରାୟଣ ମିଶ୍ର, ମୁରଲିଧର ଅଧିକାରୀ, ସଂଘର୍ଷ ବାହିନୀର ଅନ୍ନଦା ଶଙ୍କର ପାଣିଗ୍ରାହୀ ଉପସ୍ଥିତ ଥିଲେ। ରବିବାର ଏନେଇ ପୂର୍ବାହ୍ନରେ ସ୍ୱଦେଶୀ ସନ୍ଦେଶ ଯାତ୍ରା କରାଯାଇଥିଲା। ଏଥିରେ ସ୍ୱଦେଶୀ ସାମଗ୍ରୀର ବ୍ୟବହାର କରିବା ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା।

# ହାଲ୍‌ରେ ଇଞ୍ଜିନିୟର୍ସ ଦିବସ ପାଳିତ

ସୁନାବେଡ଼ା,୧୫।୯(ଡି.ଏନ୍.ଏ.)



ଇଞ୍ଜିନିୟର୍ସ ଦିବସରେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯାଉଛି।

ସୁନାବେଡ଼ା ହାଲ୍ ସ୍ଥିତ ଭଞ୍ଜ ମଣ୍ଡପରେ ରବିବାର ୫୨ତମ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଛି। ପୂର୍ବରୁ ସୁନାବେଡ଼ା ଓ ଦାମନଯୋଡ଼ି ଅଞ୍ଚଳର ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ରବିବାର ଭଞ୍ଜମଣ୍ଡପରେ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହାଲ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବାଶିଷ ଦେବ, ସମ୍ମାନିତ ଅତିଥି ଭାବେ ହାଲ୍ ଜିଏମ୍ ଯତୀନ୍ଦ୍ର ମୋହନ ସାହୁ, ମୁଖ୍ୟବକ୍ତା ଭାବେ ହାଲ୍ ଡିଜିଏମ୍ କଲୋଇ ଭଟ୍ଟାଚାର୍ଯ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ମହାନ ଯନ୍ତ୍ରୀ ଏମ୍. ବିଶ୍ୱେଶ୍ୱରାୟାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସୁନାବେଡ଼ାର ଏରୋନଟିକ୍ସ ଡିପ୍ଲୋମା ଇଞ୍ଜିନିୟର୍ସ ସର୍ଭିସେସ ଆସୋସିଏଶନ ଓ ଦାମନଯୋଡ଼ି ସ୍ଥିତ ନାଲ୍‌କୋ ଡିପ୍ଲୋମା ଇଞ୍ଜିନିୟର୍ସ ଆସୋସିଏଶନ ସହାୟତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଦୁଇ ଶିବିରରୁ ୧୮୨ ୟୁନିଟ୍ ରକ୍ତ ସଂଗ୍ରହ

ଜୟପୁର,୧୫।୯(ନି.ପ୍ର.): କୋରାପୁଟ ଜିଲା ଜୟପୁରର ୨ଟି ସ୍ଥାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ଦୁଇଟି ଶିବିରରୁ ୧୮୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଜୟପୁର ପାଣିନଳା ସାହି ସ୍ଥିତ ସିଦ୍ଧାର୍ଥ ଇଂରାଜୀ ମିଡିୟମ ସ୍କୁଲରେ ରୋଟାରି କ୍ଲବ ତରଫରୁ ଗୋଟିଏ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୧୦୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସେହିପରି ପାରାବେଢାଠାରେ ମଧ୍ୟ ଶ୍ରୀରାମ ସେବା ସଂଘର ତରଫରୁ ଆୟୋଜିତ ରକ୍ତଦାନ ଶିବିରରୁ ୮୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

# ଚାଉଳ, ଭତ୍ତାରୁ ବଞ୍ଚିତ କରିଛି ଆଧାର

ଦଶମନ୍ତପୁର,୧୫।୯(ଡି.ଏନ୍.ଏ.)



ଗୋରାଣି ଜାନୀ

ଗିର୍ଲିଗୁମ୍ମା ପଞ୍ଚାୟତ ଆମ୍ବପଦର ଗ୍ରାମର ଗୋରାଣି ଜାନୀ (୬୦)। ତାଙ୍କର ପିଲାଛୁଆ ନ ଥିବାବେଳେ ସ୍ୱାମୀ ଡମ୍ବୁ ଜାନୀଙ୍କ ମୃତ୍ୟୁ ହୋଇସାରିଛି। ଏକାକୀ ଜୀବନ କାଟୁଥିବା ଗୋରାଣି ସ୍ୱାମୀ ଥିବାବେଳେ ଖାଉଟି ଯୋଜନାରେ ଚାଉଳ ପାଉଥିଲେ। କିନ୍ତୁ ସ୍ୱାମୀଙ୍କ ପରଲୋକ ପରେ ଚାଉଳ ପାଇବାରେ ପ୍ରତିବନ୍ଧକ ସାଜିଛି ଆଧାର। ଖାଉଟି କାର୍ଡ଼ ସହ ଆଧାର ସଂଯୋଗ ପାଇଁ ସରକାର ବାଧ୍ୟତାମୂଳକ କରିଥିବା ବେଳେ ଗୋରାଣିଙ୍କ ପାଖରେ ଆଧାର କାର୍ଡ଼ ନାହିଁ। ଫଳରେ ତାଙ୍କ ଖାଉଟି କାର୍ଡ଼ କଟିଯାଇଛି। କିଛି ବର୍ଷ ତଳେ ସେ ଅଜଣା ରୋଗର ଶିକାର ହୋଇଥିଲେ, ଯେଉଁଥିପାଇଁ ତାଙ୍କ ଦୁଇ ହାତର ଆଙ୍ଗୁଠି ସବୁ ନଷ୍ଟ ହୋଇଗଲା। ଫଳରେ ବିଭିନ୍ନ କାମ କରିବାକୁ ସେ ଅକ୍ଷମ ହେଲେ। ଏବେ ଚାଉଳ ମିଳୁ ନଥିବାରୁ ବଡ଼ କଷ୍ଟରେ ଜୀବନ କାଟୁଛନ୍ତି। ପ୍ରଶାସନକୁ ଦୁଃଖ ଜଣାଇଲେ ବି କିଛି ଫଳ ମିଳିନାହିଁ। ଗାଁ ଲୋକେ ଦିନେ ଓଳିଏ ଖାଇବାକୁ ଦେଉଛନ୍ତି। ଗୋରାଣିଙ୍କୁ ବ୍ଲକ ଏବଂ ଜିଲା ପ୍ରଶାସନ ଖାଉଟି କାର୍ଡ଼, ପରିବାର ମଙ୍ଗଳ ଯୋଜନାର ଅର୍ଥ ଏବଂ ଭତ୍ତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ପୀତବାସ ଜାନି କହିଛନ୍ତି, ଯେମିତି ହେଲେ ବି ଗୋରାଣିଙ୍କ ବ୍ୟବସ୍ଥା କରିବି।

## ■ ଜୟପୁର ସାହିତ୍ୟ ପରିଷଦର ଆଲୋଚନାଚକ୍ର

# ବିଶ୍ୱ କଲ୍ୟାଣ ପାଇଁ ଥିଲା ଭୀମ ଭୋଇଙ୍କ କବିତା

ଜୟପୁର,୧୫।୯(ଡି.ଏନ୍.ଏ./ନି.ପ୍ର.)




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

ସନ୍ଥ ଭୀମ ଭୋଇ ବିଶ୍ୱର ଜଣେ ଶ୍ରେଷ୍ଠ କବି। ବିଶ୍ୱ କଲ୍ୟାଣ ପାଇଁ ତାଙ୍କ କବିତା ପଂକ୍ତି ଉଦ୍ଦିଷ୍ଟ। ତେଣୁ ତାହା ମିଳିତ ଜାତିସଂଘର କାନ୍ଥରେ ସ୍ଥାନ ପାଇଛି। ଜାତିଗତ ଭେଦଭାବ, ପ୍ରକୃତି ଓ ଗ୍ରାମ୍ୟ ଜୀବନକୁ ସେ ନିଜ କବିତାରେ ଆଙ୍କିଛନ୍ତି। ସନ୍ଥକବି ଭୀମ ଭୋଇଙ୍କ ସାହିତ୍ୟକୁ ନେଇ ରବିବାର ଆୟୋଜିତ ଆଲୋଚନାଚକ୍ରରେ ଅତିଥିମାନେ ଏହି ମତ ରଖିଛନ୍ତି। ଜୟପୁର ସାହିତ୍ୟ ପରିଷଦ ପକ୍ଷରୁ ତାରିଣୀ ଛକ ସ୍ଥିତ ଡିଏଭି ଜୁନିୟର ମହାବିଦ୍ୟାଳୟରେ ଅନୁଷ୍ଠିତ ଏହି ସଭାରେ ପରିଷଦର ସଭାପତି ଲକ୍ଷ୍ମୀକାନ୍ତ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ଆଲୋଚକ ଭାବେ କବି ମନମୋହନ ଆଚାର୍ଯ୍ୟ, ଡ. ପ୍ରଦୀପ ମିଶ୍ର, ସୁବାସ ମିଶ୍ର ଯୋଗଦେଇ ଭୀମ ଭୋଇଙ୍କ ଭକ୍ତି କବିତା ଓ ସାହିତ୍ୟକୃତୀ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟନିର୍ବାହୀ ସଦସ୍ୟା ଭାଗ୍ୟଲତା ପାଣିଗ୍ରାହୀ ସନ୍ଥକବିଙ୍କ ଉପରେ ଭିତ୍ତି ପ୍ରବନ୍ଧ ପାଠ, ସମ୍ପାଦକ ଯାଜ୍ଞେଶ୍ୱର ପଣ୍ଡା ସ୍ୱାଗତ ଭାଷଣ, କାର୍ଯ୍ୟନିର୍ବାହୀ ସଦସ୍ୟ ଅଶୋକ ପଲେଇ ଅତିଥି ପରିଚୟ ଓ ଶେଷରେ ସହସଂପାଦିକା ବିଜୟଲକ୍ଷ୍ମୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଭୀମ ଭୋଇଙ୍କ ରଚିତ କବିତାକୁ ସଂଗୀତରେ ପରିବେଷଣ କରିଥିଲେ କଣ୍ଠଶିଳ୍ପୀ ବିଦ୍ୟୁତପ୍ରଭା ପଟ୍ଟନାୟକ, କାହ୍ନୁଚରଣ ପ୍ରଧାନ ଓ ବନମାଳୀ ସାହୁ। ଦ୍ୱିତୀୟ ସଂସ୍କରଣରେ କବୟିତ୍ରୀ ସବିତା ଶତପଥୀ ଓ ଟି. ଜଗଦିଶ୍ୱରୀଙ୍କ ସଂଯୋଜନାରେ ଭକ୍ତି କବିତା ପାଠ ହୋଇଥିଲା। ଏଥିରେ ଆକାଶବାଣୀର ଅସ୍ଥାୟୀ ଉଦଘୋଷକ ରଘୁନାଥ ବିଶ୍ୱାଳ ଯୋଗ ଦେଇଥିଲେ। କବୟିତ୍ରୀ ଶୋଭାଙ୍ଗିନୀ ନନ୍ଦ, ସୁବର୍ଣ୍ଣ ଖିଲ, ପୁଷ୍ପାଞ୍ଜଳି ସାହୁ, ସଂଯୁକ୍ତା ରାଉତ, ଶୁଭସ୍ମିତା ସାହୁ, ବିଜୟଲକ୍ଷ୍ମୀ ରାୟ, ପ୍ରକାଶ ମହାନ୍ତି, ଅଶୋକ ମହାରଣା, କୃଷ୍ଣଚନ୍ଦ୍ର ହୋତା, ବୈରାଗୀ ଚରଣ ସାହୁ, ଘାସିରାମ ମହାପାତ୍ର, ଇନ୍ଦ୍ର ପ୍ରଧାନ କବିତା ପାଠ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ସେପ୍ଟେମ୍ବର ୧୬ /୨୦୧୯ Rayagada, Monday, September 16/ 2019

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ, ଥାନାରେ ମାମଲା

ଡାବୁଗାଁ, ୧୫।୯ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିଲା। ଏ ନେଇ ନାବାଳିକାଙ୍କ ବାପା ଶନିବାର ରାତିରେ ବୁଟିଆଗୁଡା ଗ୍ରାମର ପ୍ରଶାନ୍ତ ମେହେର ଓ ଭାଗୀ ଭତରାଙ୍କ ନାମରେ ଏତଲା ଦେଇଛନ୍ତି। ଡାବୁଗାଁ ଥାନା ପୋଲିସ ଉକ୍ତ ଏତଲାକୁ ଭିତ୍ତିକରି ରବିବାର ବୁଟିଆଗୁଡ଼ା ଗାଁକୁ ଯାଇ ତଦନ୍ତ କରିଛି। ପ୍ରକାଶ ଯେ, ଶୁକ୍ରବାର ସ୍କୁଲ ଛୁଟି ହେବା ପରେ ନାବାଳିକା ଜଣଙ୍କ ତାଙ୍କ ଦୁଇଜଣ ସାଙ୍ଗଙ୍କ ସହ ଘରକୁ ଫେରୁଥିଲେ। ନାବାଳିକା ଓ ତାଙ୍କ ସାଙ୍ଗମାନେ ମାତାଗୁଡ଼ି ମନ୍ଦିର ନିକଟରେ ହୋଇଥିବାବେଳେ ପ୍ରଶାନ୍ତ ମେହେର ଓ ଭାଗୀ ଭତରା ବାଇକ୍‌ରେ ଆସି ନାବାଳିକାକୁ ବଳପୂର୍ବକ ଉଠାଇ ନେଇଥିଲେ। ନାବାଳିକାଙ୍କ ସାଙ୍ଗମାନେ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ମଧ ଠେଲାପେଲା କରିଥିଲେ। ପରେ ସେମାନେ ଯାଇ ନାବାଳିକାଙ୍କ ଘରେ ଘଟଣା ସମ୍ପର୍କରେ ଖବର ଦେଇଥିଲେ। ଏହାପରେ ନାବାଳିକାଙ୍କ ବାପା ଓ ଗ୍ରାମବାସୀ ଖୋଜାଖୋଜି ଆରମ୍ଭ କରିଥିଲେ। କିନ୍ତୁ ତାଙ୍କର କୌଣସି ଖବର ମିଳି ନ ଥିଲା। ନାବାଳିକା ଜଣଙ୍କ ବୁଟିଆଗୁଡା ଗାଁରେ ଥିବା ନେଇ ପରିବାର ଲୋକ ରାତି ପ୍ରାୟ ୩ଟାବେଳେ ଜାଣିବାକୁ ପାଇଥିଲେ। ସେମାନେ ସେଠାରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ପ୍ରଶାନ୍ତ ତାଙ୍କୁ ପ୍ରଥମେ କନକିଗୁଡା ଗ୍ରାମରେ ରଖିଥିଲା। ପରେ ରାତିରେ ନିଜ ଘର ବୁଟିଆଗୁଡାକୁ ଆଣଇଥିଲା ବୋଲି ନାବାଳିକା ଜଣଙ୍କ କହିଛନ୍ତି। ଘଟଣା ସମ୍ପର୍କରେ ଅବଗତ ହେବା ପରେ ଶନିବାର ରାତିରେ ନାବାଳିକାଙ୍କ ବାପା ପ୍ରଶାନ୍ତ ଓ ଭାଗୀଙ୍କ ନାଁରେ ଡାବୁଗାଁରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନାରେ କେସ୍ ନଂ . ୯୮/୧୯ରେ ଏକ ମାମଲା ରୁଜୁ କରାଯାଇଛି। ସବ୍‌ଇନ୍ସପେକ୍ଟର ରଙ୍କନିଧି ସାହୁ ରବିବାର ବୁଟିଆଗୁଡାକୁ ଯାଇ ଘଟଣାର ତଦନ୍ତ କରିଛନ୍ତି।

### ■ ବିନା ଲାଇସେନ୍ସରେ ଚାଲିଥିଲା ବ୍ୟବସାୟ

# ୨୨ ମାଂସ ଦୋକାନ ଉପରେ ଚଢ଼ାଉ

ନବରଙ୍ଗପୁର,୧୫।୯(ବି.ପ୍ର.

ନବରଙ୍ଗପୁର ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପୌରାଞ୍ଚଳର ବିଭିନ୍ନ ସାହି ଗଳି ଓ ରାସ୍ତା କଡରେ ବିନା ଲାଇସେନ୍ସରେ ଖୋଲାଯାଇଥିବା ମାଂସ ଦୋକାନ ଉପରେ ରବିବାର ଚଢାଉ କରାଯାଇଛି। ୨୨ଟି ବେଆଇନ ଦୋକାନ ଚିହ୍ନଟ କରାଯାଇ ସେଗୁଡିକୁ ବନ୍ଦ କରାଯାଇଛି। ଲାଇସେନ୍ସ ଆବେଦନ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଯେ, ନବରଙ୍ଗପୁର ସହରରେ ବାହାର ରାଜ୍ୟରୁ କୁକୁଡା ଅଣାଯାଇ ସେମାନଙ୍କ ମାଂସ ବିକ୍ରି କରାଯାଉଛି।


ଏକ ମାଂସ ଦୋକାନ ଉପରେ ଚଢ଼ାଉ କରାଯାଉଛି।

ତେବେ କୁକୁଡାଗୁଡିକର ସ୍ୱାସ୍ଥ୍ୟ ପରିକ୍ଷା କରଯାଉ ନାହିଁ। ସହର ମଧରେ କୁକୁଡା ବୋଝେଇ ଟ୍ରକଗୁଡିକ ପ୍ରବେଶ କରିବା ପୂର୍ବରୁ ପ୍ରାଣୀଧନ ଚିକିତ୍ସା ବିଭାଗ ପକ୍ଷରୁ ଏହା ଯାଞ୍ଚ କରାଯିବାକୁ ନିୟମ ରହିଛି। ତହା ମଧ ହୋଇପାରୁନି। ଫଳରେ ସହରରେ ବେଆଇନ ମାଂସ ଦୋକାନ ବଢୁଛି। ଏହାକୁ ରୋକିବା ପାଇଁ ନବରଙ୍ଗପୁର ପୌର ସଂସ୍ଥା ନିର୍ବାହୀ ଅଧିକାରୀ ବିନୟ କୁମାର ପଟେଲ, ଫୁଡ୍‌ସେଫଟି ଅଧିକାରୀ ଡାକ୍ତର ଦେବବ୍ରତ ଡାକୁଆ, ସାନିଟେରୀ ଇନ୍ସପେକ୍ଟର ଅଶୋକ କୁମାର ନାୟକ, ରାମ ଶଙ୍କର ଦାଶ ଓ ପୋଲିସ ପ୍ରଶାସନର ଏକ ଟିମ୍ ଚଢାଉ କରିଥିଲା।

# ହଜ୍‌ଫେରନ୍ତା ଯାତ୍ରୀଙ୍କୁ ସମ୍ବର୍ଦ୍ଧନା

ଚନ୍ଦାହାଣ୍ଡି, ୧୫।୯(ଡି.ଏନ୍.ଏ.)–

ଚନ୍ଦାହାଣ୍ଡି ବ୍ଲକ ଜାମା ମସ୍‌ଜିଦ ଆନୁକୂଲ୍ୟରେ ରବିବାର ହଜ୍ ଯାତ୍ରା ସାରି ଫେରିଥିବା ମହମ୍ମଦ ଇଶାକ୍ ଏବଂ ତାଙ୍କ


ହଜ୍ ସାରି ଫେରନ୍ତା ମହମ୍ମଦ ଇଶାକ୍ ଓ ତାଙ୍କ ସ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ସ୍ତ୍ରୀ ଜୁବେଦା ବାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉଭୟ ହଜ୍ ଯାତ୍ରାରେ ଯାଇ ୪୫ ଦିନ ପରେ ଫେରିଥିଲେ। ରବିବାର ସେମାନେ ଫେରିବା ପରେ ମୋହରା ମସଜିଦ୍ ଗୌସିଆ ଯୁବ କମିଟି ସଦସ୍ୟମାନେ ତାଙ୍କୁ ଫାଛୋଟି ଆଣିଥିଲେ। ପ୍ରଥମେ ସମସ୍ତ ହାଜିମାନେ ମୋହରା ମସଜିଦ୍‌କୁ ଯାଇ ନମାଜ ପାଠ କରିଥିଲେ। ମୋହରା, ବୋରିଗୁଡା, ଚନ୍ଦାହାଣ୍ଡି , ହଳଦୀ ଗ୍ରାମସ୍ଥିତ ମୁସ୍‌ଲିମ ଧର୍ମାବଲମ୍ବୀଙ୍କ ଘରକୁ ଯାଇ ଆଲ୍ଲାଙ୍କ ନିକଟରେ ଅଞ୍ଚଳବାସୀଙ୍କ ସୁଖ ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ ବୋଲି ଜଣାଇଥିଲେ। ସଭାପତି ମହମ୍ମଦ ୟୁନୁସ୍‌ଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭାର ଅୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୌଲାନା ସଲମାନ ରଜା, ଅବଦୁଲ ମଜିଦ , ମହମ୍ମଦ ଇକ୍‌ବାଲ, ମହମ୍ମଦ ହନିଫ, ମହମ୍ମଦ ଅସ୍‌ଫାକ, ମହମ୍ମଦ ରଫିକ, ମହମ୍ମଦ ହୁସେନ, ମହମ୍ମଦ ରିଜଓାନ, ମୁରାଦୁ ଅଲ୍ଲୀ, ସହିଦ ଅଲ୍ଲୀ, ଅବଦୁଲ କୟୁମ, ସୁଲତାନ ଅଲ୍ଲୀ, ଅକବର ଅଲ୍ଲୀ, ସାହାଦତ ଅଲ୍ଲୀ, ମହମ୍ମଦ ସଲିମ, ମେହେବୁବ ଅଲ୍ଲୀ, ମକବୁଲ ଅଲ୍ଲୀ,ମହମ୍ମଦ ମହସିନ ପ୍ରମୁଖ ଉପସ୍ଥିତ ଥିଲେ।

### ଯୌତୁକ ନିର୍ଯାତନା ଅଭିଯୋଗ ଆଣିଲେ ସ୍ତ୍ରୀ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ

ନବରଙ୍ଗପୁର,୧୫।୯(ବି.ପ୍ର.)– ଏକ ଯୌତୁକ ନିର୍ଯାତନା ମାମଲାର ଅଭିଯୁକ୍ତଙ୍କୁ ରବିବାର ନବରଙ୍ଗପୁର ପୋଲିସ ଗିରଫ କର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଜୟପୁର ପାରାବେଡାସ୍ଥିତ ଶ୍ରୀରାମ କଲୋନୀର ହିମାଂଶୁ ଶେଖର ପାତ୍ର।ପ୍ରକାଶ ଯେ, ହିମାଂଶୁ ନୂଆବନ୍ଧ ସାହିସ୍ଥିତ ଅର୍ଚ୍ଚନା ପାଣିଗ୍ରାହୀଙ୍କୁ ୨୦୧୫ରେ ବିବାହ କରିଥିଲେ। ସ୍ୱାମୀ ଓ ପରିବାର ଲୋକ ଅଧିକ ଯୌତୁକ ଦାବି କରିବା ସହ ମାନସିକ ଓ ଶାରିରିକ ନିର୍ଯାତନା ଦେଉଥିବା ନେଇ ଅର୍ଚ୍ଚନା ନବରଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନମ୍ବର ୧୩୬/୧୯ରେ ମାମଲା ରୁଜୁ କରି ହିମାଂଶୁଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି।

# ଦିବ୍ୟାଙ୍ଗ ଦମ୍ପତିଙ୍କୁ ସହାୟତା


ଦିବ୍ୟାଙ୍ଗ ଦମ୍ପତିଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ରାଇଘର, ୧୫।୯(ଡି.ଏନ୍.ଏ.)

ରାଇଘର ବ୍ଲକର ଟିମନପୁର ପଞ୍ଚାୟତ ମେଟପାରା ଗ୍ରାମର ଜଣେ ଦିବ୍ୟାଙ୍ଗ ଦମ୍ପତିଙ୍କୁ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ବଜୁରାମ ଗଣ୍ଡ ଓ ତାଙ୍କ ସ୍ତ୍ରୀ ଝୁନିଙ୍କୁ ଏମ୍‌ପି ରମେଶ ମାଝି ଏହି ୫୦ ସହାୟତା ରାଶି ପ୍ରଦାନ କରିଛନ୍ତି। ସେହିଭଳି ନବରଙ୍ଗପୁର ଜିଲା ରାଇଘର ବ୍ଲକରେ ଚଳିତ ବର୍ଷ ୧୨୭୮ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ୍ ଯୋଜନାରେ ସହାୟତା ମିଳିବ। ଏହି କାର୍ଯ୍ୟକ୍ରମ ବ୍ଲକସ୍ତରରେ ଆରମ୍ଭ କରାଯାଇଛି ବୋଲି ବିଡିଓ ଦେବୀ ପ୍ରସାଦ ଟାଲି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ବ୍ରଜେନ ବାର୍ନାଜି , ଜିଲାପରିକ୍ଷଦ ସଭ୍ୟା ପ୍ରୀତି ସ୍ନିଗ୍ଧା ମହାପାତ୍ର, ଉପାଧ୍ୟକ୍ଷ ବିଶ୍ୱନାଥ ଶିଲ୍, ସମସ୍ତ ଜିଲା ପରିସଦ,ସମିତି ସଭ୍ୟାସଭ୍ୟ ସରପଞ୍ଚ ଉପସ୍ଥିତ ଥିଲେ।

# ଭୋଟର ତାଲିକା ଯାଞ୍ଚ କାର୍ଯ୍ୟକ୍ରମ

ଡାବୁଗାଁ,୧୫।୯ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ଭୋଟର ତାଲିକା ଯାଞ୍ଚ ସଂକ୍ରାନ୍ତ ସ୍ୱତନ୍ତ୍ର ଅଭିଯାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ଅଧୀନ ମୋଟ ୫୪ ଭୋଟ ଗ୍ରହଣ କେନ୍ଦ୍ରରେ ବୁଥ୍‌ସ୍ତରୀୟ ଅଧିକାରୀ ଭୋଟର ତାଲିକା ଯାଞ୍ଚ କାର୍ଯ୍ୟ କରିଥିଲେ। ଭୋଟରମାନେ ନିଜ ପରିଚୟ ପତ୍ର ନେଇ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ନିକଟରେ ଦାଖଲ କରିଥିଲେ। ଏହାପରେ ଭୋଟର ତାଲିକାରେ ଥିବା ସେମାନଙ୍କ ନାମ, ବୟସ ଓ ଠିକଣା ଆଦି ଯାଞ୍ଚ କରାଯାଇଛି। ବ୍ଲକର ୫୪ ବୁଥ୍‌ରେ ଆଜି ପର୍ଯ୍ୟନ୍ତ ମୋଟ ୧୪, ୯୩୧ ଜଣ ଭୋଟରଙ୍କ ପରିଚୟ ପତ୍ର ଯାଞ୍ଚ କରାଯାଇଛି। ଏହି କାର୍ଯ୍ୟକ୍ରମ ପୂର୍ବାହ୍ନ ୯ଟାରୁ ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଡାବୁଗାଁ ବିଡିଓ ରଞ୍ଜିତାମେରୀ ନାୟକ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମହେଶ୍ୱର ପ୍ରଧାନ ବିଭିନ୍ନ ବୁଥ୍ ପରିଦର୍ଶନ କରିଥିଲେ। ସୁପରଭାଇଜର କୃଷ୍ଣଚନ୍ଦ୍ର ଚନ୍ଦ୍ର ପଣ୍ଡା, ଧନସିଂ ତନ୍ତୀ, ରାଇସିଂ ପୂଜାରୀ, ରତିକାନ୍ତ ନାୟକ ଓ ବିକାଶ ରଞ୍ଜନ ନିଶଙ୍କ ପ୍ରମୁଖ ମଧ ବିଭିନ୍ନ ବୁଥ୍ ବୁଲି କାର୍ଯ୍ୟ ତଦାରଖ କରିଥିଲେ।

# ଭାଜପାର ସେବା ସପ୍ତାହ

ଉମରକୋଟ, ୧୫।୯(ଡି.ଏନ୍.ଏ.)

ଭାଜପାର ସେବା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଉମରକୋଟ ବ୍ଲକ ଭାଜପା ପକ୍ଷରୁ ଜୋନାଲ ହସ୍ପିଟାଲରେ ରୋଗୀମାନଙ୍କୁ ଫଳବଣ୍ଟନ କରାଯାଇଛି। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଏବଂ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ରୋଗୀମାନଙ୍କୁ ଫଳ ବଣ୍ଟନ କରିବା ସହିତ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ଥିଲେ। ଡାକ୍ତରଖାନାର ବିଭିନ୍ନ ସୁବିଧା ଅସୁବିଧାକୁ ନେଇ ବିଧାୟକ ମେଡିକାଲ ଅଫିସର ଡା. ସନ୍ତୋଷ ପଣ୍ଡାଙ୍କ ସହ ଆଲୋଚନା କରିଥିଲେ।



Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two-wheeler. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com.
*Terms & conditions apply. *In 125cc. **also available in FI. ##Guru-Dakshina scheme is applicable for Teachers only. As per cumulative dispatch numbers as on June, 2019.

For Institutional and Bulk Sales please write to Kolkata@heromotocorp.com

**ଅଥରାଇଜ୍ଡ ଡିଲର: ବ୍ରହ୍ମପୁର:** ଲକ୍ଷ୍ମୀ ହୀରୋ – 7799766350. **ଜୟପୁର:** ସୁପ୍ରିମ ହୀରୋ – 7799766340. **ଫୁଲବାଣୀ:** ନାରାୟଣୀ ହୀରୋ – 7799766373. **ରାୟଗଡ଼ା:** ଅଜୀତ ହୀରୋ – 7799766358. **ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ଆସିକା:** ଅଶୋକ ମୋଟର୍ସ – 273226. **ପାରଳାଖେମୁଣ୍ଡି:** ପ୍ରୀତମ ଏଣ୍ଟରପ୍ରାଇଜ – 224656. **ମାଲକାନଗିରି:** କନିଷ୍କ ଅଟୋମୋବାଇଲ୍ସ – 9437181980, 230514. **ନବରଙ୍ଗପୁର:** ଅରୁଣ ସେଲ୍ସ ଆଣ୍ଡ ସର୍ଭିସ – 223970. **ସିମିଳିଗୁଡା:** କେ.ପି.ଏଣ୍ଟରପ୍ରାଇଜ – 225222. **ଦେବଗଡ଼ :** ଜିନ୍ଦଲ ମୋଟର୍ସ : 9337774624.

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

ଧରିତ୍ରୀ
DHARITRI
ସୋମବାର, ୧୬ ସେପ୍ଟେମ୍ବର , ୨୦୧୯



"କ୍ଷମତାର ଅପବ୍ୟବହାର କୌଣସି ଲୋକ ଦୀର୍ଘ କାଳ ଧରି କରିପାରିନାହିଁ କି ପାରିବ ନାହିଁ।
-ସେନେକା



## ସଂକ୍ଷେପରେ



### ଗଜଲକ୍ଷ୍ମୀ ପୂଜା ନେଇ ଶୁଭଖୁଣ୍ଟି ସ୍ଥାପନ

**ରାୟଗଡ଼ା ଅଫିସ,୧୫ା୯:** ସାଇ ଯୁବ ଆସୋସିଏଶନର ୮ମ ଗଜଲକ୍ଷ୍ମୀ ପୂଜା ନେଇ ରବିବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ୯ ଦିନ ଧରି ମା'ଙ୍କର ପୂଜା ଅନୁଷ୍ଠିତ ହେବ । ଏଥିରେ ସଭାପତି କାମରାଜ ପାଣିଗ୍ରାହୀ, ଉପସଭାପତି ସୁନ୍ଦର ସାମଲା, ସମ୍ପାଦକ ଅଶ୍ୱିନୀ ପାଣିଗ୍ରାହୀ, ପ୍ରଭାକର ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

### ଭାଗବତ ଟୁଙ୍ଗି ଉଦ୍‌ଘାଟିତ



**ମୁନିଗୁଡା,୧୫ା୯(ଡ଼ି.ଏନ.ଏ):** ପବିତ୍ର ଭାଗବତ ଜୟନ୍ତୀରେ ରାୟଗଡା ଜିଲା ମୁନିଗୁଡା ଆଦିତ୍ୟ ବାହିନୀ ଦ୍ୱାରା ୪୧ତମ ଭାଗବତ ଟୁଙ୍ଗୀ ଭୈରବଗଡ଼ ଗ୍ରାମରେ ଉଦ୍‌ଘାଟିତ ହୋଇଯାଇଛି। ଏହାର ନାମ ଶ୍ରୀଲକ୍ଷ୍ମୀ ନାରାୟଣ ଭାଗବତ ଟୁଙ୍ଗୀ ରଖାଯାଇଛି । ଟୁଙ୍ଗିର ଯୁଧିଷ୍ଠିର ସାହୁ ସଭାପତି, ଦୁର୍ଯ୍ୟୋଧନ ଗୌଡ଼ ସମ୍ପାଦକ ଓ ମନୋଜ କୁମାର ପ୍ରଧାନ କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏହି ଅବସରରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ରହି କଳସ ଯାତ୍ରା, ନଗର ପରିକ୍ରମା, ହୋମଯଜ୍ଞ, ପୂଜାର୍ଚ୍ଚନା ଓ ଭାଗବତ କଥା ଆଦି ପଠନ କରାଯାଇଥିଲା। ମୁନିଗୁଡା ଆଦିତ୍ୟ ବାହିନୀର ସଭାପତି ଟଙ୍କଧର ଗାଜିବିଲି, ସମ୍ପାଦକ ପି. ସୁଧାକର ପାତ୍ର ,ସଂଯୋଜକ ବଂଶୀଧର ନନ୍ଦ ,ପି. ମୋହନ ରାଓ , ରବୀନ୍ଦ୍ର ନାଥ ପଣ୍ଡା , ଗୋବିନ୍ଦ ମିଶ୍ର , ଲିଙ୍ଗରାଜ ମୋଗଲି ,ସୁବାସଚନ୍ଦ୍ର ତ୍ରିପାଠୀ, ଜେ.ମହେଶ ପରିଚାଳନା ଓ ସହଯୋଗ କରିଥିଲେ। ସେହିପରି ଗତ ଶନିବାର ଆଗୁଳ ଗ୍ରାମଠାରେ ତ୍ରିନାଥ ଭାଗବତ ଟୁଙ୍ଗି ତାର ୫ମ ବର୍ଷ ପୂରଣ କରିଛି ।

### ଘାଟି ରାସ୍ତା ପ୍ରଶସ୍ତୀକରଣ ଆରମ୍ଭ



**ପାରଳାଖେମୁଣ୍ଡି, ୧୫ା୯ (ସ୍ୱ.ପ୍ର.):** ଗଜପତି ଜିଲା ଆର୍.ଉଦୟଗିରି ନିକଟସ୍ଥ ବାଦପୁର ଛକ ଘାଟି ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ବୁଲାଣି ରାସ୍ତା ଦୁର୍ଘଟଣାପ୍ରବଣ ଅଞ୍ଚଳଭାବେ ପରିଚିତ ଥିବାବେଳେ ଅନେକ ଲୋକଙ୍କ ଜୀବନ ମଧ ଚାଲିଯାଇଛି। ୨ବର୍ଷ ମଧରେ ଏଠାରେ ୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଗତମାସରେ ଏହି ରାସ୍ତାରେ ଟ୍ରକ-ବାଇକ ଦୁର୍ଘଟଣା ଘଟି ବାଇକ ଚାଳକଙ୍କ ମଧ ମୃତ୍ୟୁ ଘଟିଥିଲା। ଏହାପରେ ରାସ୍ତା ପ୍ରଶସ୍ତୀକରଣ ଦାବିରେ ଅଞ୍ଚଳବାସୀ ଘାଟିରାସ୍ତାକୁ ୧୨ଘଣ୍ଟା ଧରି ବନ୍ଦ ଡାକରା ଦେଇଥିଲେ। ଏହି ଘଟଣାରେ ବିଡିଓ ପ୍ରଦୀପ କୁମାର ନାୟକ ଏବଂ ସ୍ଥାନୀୟ ପ୍ରଶାସନ ମଧ ହସ୍ତକ୍ଷେପ କରିଥିଲେ । ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଏହି ରାସ୍ତାର ଉନ୍ନତିକରଣ ପାଇଁ ପ୍ରତିଶ୍ରୁତି ଦିଆଯାଇଥିବାବେଳେ ଏବେ ପାହାଡ଼ କାଟି ପ୍ରଶସ୍ତୀକରଣ କାର୍ଯ୍ୟ ଆଗେଇ ଚାଲିଥିବା ଦେଖିବାକୁ ମିଳିଛି।

■ ପଦ୍ମପୁରରେ ବ୍ୟାପୁଛି ଝାଡ଼ାବାନ୍ତି

# ଗ୍ରାମରେ ପହଞ୍ଚିଲେ ସିଡିଏମ୍‌ଓ

**ପଦ୍ମପୁର, ୧୫ା୯ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକରେ ୫ ଦିନ ହେଲା ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ହେଲେ ଝାଡ଼ାବାନ୍ତି ନିୟନ୍ତ୍ରଣାଧୀନ ରହିଥିବା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସଫେଇ ଦିଆଯାଇଛି। ଏନେଇ ରବିବାର ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ, ଜିଲା ଡିପିଏମ୍‌ଓ ରାଜେଶ ପଟ୍ଟନାୟକ, ସାମାଜିକ କର୍ମୀ ବଳରାମ ପଣ୍ଡା, ମେଡିକାଲ ଇନ୍‌ଚାର୍ଯ୍ୟ ସୌମ୍ୟରଞ୍ଜନ ତ୍ରିପାଠୀଙ୍କ ସହ ସ୍ୱାସ୍ଥ୍ୟ ବିଭାଗର କିଛି ଅଧିକାରୀ ମାରିଗୁଡା ଓ ପଦ୍ମପୁର ଅଞ୍ଚଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ପରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିଥିଲେ। ମେଡିକାଲର ବିଭିନ୍ନ ସମସ୍ୟା କିଭଳି ସମାଧାନ କରାଯିବ, ସେ ନେଇ ଆଲୋଚନା କରିଥିଲେ। ପରେ ସାମାଜିକ କର୍ମୀ ପଣ୍ଡା ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ସ୍ଥାୟୀ ଇନ୍‌ଚାର୍ଯ୍ୟ ନିଯୁକ୍ତି କରିବା ନିମନ୍ତେ କହିଥିଲେ । ପରେ ସିଡ଼ିଏମ୍‌ଓ ମାସକ ଭିତରେ ଏହି ସମସ୍ୟାର ସମାଧାନ ସହ ରୋଗୀ କଲ୍ୟାଣ ପାଣ୍ଠିରୁ ଖୁବ୍‌ଶୀଘ୍ର ନୂତନ ଶୌଚାଳୟ କରିବାକୁ ପଦ୍ମପୁର ମେଡିକାଲ ଇନ୍‌ଚାର୍ଯ୍ୟ ସୌମ୍ୟ ତ୍ରିପାଠୀ ଓ ବିପିଓ ମନୋଜ ପଣ୍ଡାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମେଡିକାଲରେ ପହଞ୍ଚି ପରିସ୍ଥିତି ଅନୁଧାନ କରିଛନ୍ତି । ଶୌଚାଳୟ ନିମନ୍ତେ ଦରକାର ପଡ଼ିଲେ ବିଧାୟକ ପାଣ୍ଠିରୁ ମଧ ଟଙ୍କା ଦିଆଯିବ ବୋଲି କହିଥିଲେ।

ସୂଚନାଯୋଗ୍ୟ, ଶନିବାର ରାୟଗଡ଼ା ଜିଲାର ସାମାଜିକ କର୍ମୀ ବଳରାମ ପଣ୍ଡା ରୋଗୀଙ୍କ ଅବସ୍ଥା ଦେଖିବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ହେଲେ କିଛି ରୋଗୀ ଓ ତାଙ୍କ ସମ୍ପର୍କୀୟ ମେଡିକାଲରେ ପାଣି ସମସ୍ୟା ଓ ଶୌଚାଳୟ ଅବସ୍ଥା ସମ୍ପର୍କରେ ଅଭିଯୋଗ କରିଥିଲେ। ସାମାଜିକ କର୍ମୀ ପଣ୍ଡା ଶୌଚାଳୟର ଦୁରାବସ୍ଥାକୁ ନେଇ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ୧ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଶୌଚାଳୟ ନିର୍ମାଣ ନିମନ୍ତେ ସବୁଜ ସଙ୍କେତ ଦେଇଥିଲେ। ତେବେ ଦୀର୍ଘବର୍ଷ ଧରି ପଦ୍ମପୁର ମେଡିକାଲରେ ଶୌଚାଳୟ ସମସ୍ୟା ଲାଗି ରହିଥିବାବେଳେ ସାମାଜିକ କର୍ମୀ ପଣ୍ଡାଙ୍କ ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି।



ଅଧିକାରୀମାନେ ଆଲୋଚନା କରୁଛନ୍ତି।

■ ଯୁବତୀଙ୍କୁ କମେଣ୍ଟ ମାରିବା ଘଟଣା

## ୨ ଗିରଫ, ଥାନାରେ ହୋହଲ୍ଲା

**କେ.କେ.ପୁର,୧୫ା୯**

ଚାନ୍ଦିଲି ଥାନା ଅନ୍ତର୍ଗତ ବିସିରୋଡ଼ ଅଞ୍ଚଳର ଦୁଇ ଯୁବତୀଙ୍କୁ କମେଣ୍ଟ ମାରିବା ଘଟଣାରେ ପୋଲିସ ୨ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ରଞ୍ଜିତ ସେଠୀ ଓ ଅଜିତ୍ ବେନିୟା । ଏହି ଘଟଣାରେ ସମ୍ପୃକ୍ତ ଥିବା ଟି. କାର୍ତ୍ତିକ ଓ ଅନିଲ ପ୍ରଧାନ ଫେରାର ଅଛନ୍ତି । ଏଥିରେ ଉତ୍‌କ୍ଷିପ୍ତ ହୋଇ ଉକ୍ତ ଦୁଇ ଯୁବତୀ କାର୍ତ୍ତିକଙ୍କ ମାଆଙ୍କୁ ଏକ ଛୁରି ସାହାଯ୍ୟରେ ଆକ୍ରମଣ କରିଛନ୍ତି। ଏନେଇ କାର୍ତ୍ତିକଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଏହାକୁ ନେଇ ରବିବାର ବିସିରୋଡ଼ ଓ ନୂଆପଡ଼ା ଅଞ୍ଚଳର ଶତାଧିକ ଲୋକ ଥାନା ପରିସରରେ ହୋହଲ୍ଲା କରିଥିଲେ। ତୁରନ୍ତ ଗିରଫ ଦ୍ୱୟଙ୍କୁ ଛାଡ଼ିବା ଓ ଉକ୍ତ ଯୁବତୀଙ୍କୁ ଗିରଫ ଦାବି କରିଛନ୍ତି । ଘଟଣାର ତଦନ୍ତ କରିବା ପାଇଁ ରାୟଗଡ଼ା ଡିଏସପି ଅଶୋକ କୁମାର ସାହୁ ଘଟଣାର ତଦନ୍ତ ଚଳାଇଛନ୍ତି ।

## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଅଧିଗ୍ରହଣ କାର୍ଯ୍ୟକ୍ରମ

**ଗୁଣପୁର,୧୫ା୯(ଡି.ଏନ.ଏ)**

ଓଡିଶା ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟ ରାୟଗଡା ଜିଲା ଗୁଣପୁର ଶାଖାର ଛାତ୍ରୀଛାତ୍ରଙ୍କୁ ନେଇ ଅଧିଗ୍ରହଣ କାର୍ଯ୍ୟକ୍ରମ ତଥା ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ ରାମଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏଥିସହ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମୁକ୍ତ ବିଶ୍ୱବିଦ୍ୟାଳୟ ଗୁଣପୁର ଶାଖା ସଂଯୋଜକ ଡ.ଜବାହାରଲାଲ ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିବାସହ ଅଳ୍ପ ଟଙ୍କାରେ କିପରି ଏହି ବିଶ୍ୱବିଦ୍ୟାଳୟ ମାଧ୍ୟମରେ ଶିକ୍ଷା ଗ୍ରହଣ କରାଯିବାକୁ ସୁବିଧା ରହିଛି ସେନେଇ କହିଥିଲେ । ଏହା ମାଧ୍ୟମରେ କିପରି ବିଭିନ୍ନ ଉଚ୍ଚଶିକ୍ଷା ଗ୍ରହଣ କରାଯାଇ ପାରିବ ସେନେଇ ମଧ୍ୟ ସଂଯୋଜକ ସୂଚନା ଦେଇଥିଲେ । ଏଥିରେ କାଉନ୍‌ସିଲର ଜଗନ୍ନାଥ ଦୀପ, ତାମିଲା ପାରେସେଟ୍, ଏସ.ଏସ. ମହନ୍ତ ଏବଂ ସସ୍ମିତା ରଥ ପ୍ରମୁଖ ଯୋଗ ଦେଇଥିଲେ । ପ୍ରତି ରବିବାର ଗୁଣପୁର କଲେଜଠାରେ ମୁକ୍ତବିଦ୍ୟାଳୟ ଅଧୀନରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ନେଇ ଶିକ୍ଷା ଦାନ କରାଯିବାକୁ ସ୍ଥିର ହୋଇଥିଲା । ଜଗନ୍ନାଥ ରାଓ ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ପ୍ଲାଷ୍ଟିକ୍ ବର୍ଜନ ନେଇ ସଚେତନତା ରାଲି




ଶୋଭାଯାତ୍ରାରେ ବାହାରିଥିବା ୱାର୍କର୍ସ କ୍ଲବର ସଭ୍ୟମାନେ ।

**ରାୟଗଡ଼ା ଅଫିସ,୧୫ା୯**

ୱାର୍କର୍ସ କ୍ଲବର ସଭ୍ୟମାନଙ୍କ ଦ୍ୱାରା ପ୍ଲାଷ୍ଟିକ ବର୍ଜନକୁ ନେଇ ଏକ ସଚେତନତା ରାଲି ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ରାଲି ଲାୟନ୍‌ସ କ୍ଲବରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ, ଗଜପତି ଛକ, କପିଳାସ ହୋଟେଲ ଦେଇ ପି.ଡ଼ବ୍ଲ୍ୟୁ ଅଫିସ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ଦୈନନ୍ଦିନ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ କରି ରାୟଗଡ଼ା ସହରକୁ ସ୍ୱଚ୍ଛ ସୁନ୍ଦର କରିବାକୁ ଆହ୍ୱାନ ଦିଆଯାଇଥିଲା। ଏଥିସହ ପ୍ଲାଷ୍ଟିକ ବର୍ଜନର ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନତା କରାଯାଇଥିଲା । ଗ୍ରୀନ୍ ରାୟଗଡ଼ା ଦ୍ୱାରା ଆୟୋଜିତ ପ୍ଲାଷ୍ଟିକ୍ ବର୍ଜନର ସନ୍ଦେଶ ମଧ୍ୟ ରହିଥିଲା । ସଭାପତି ବି .ବାଲରାଜୁ, ସମ୍ପାଦକ ଗୋପ ସୁନ୍ଦର ଦାସ, ଟ୍ରେଜରର ମଙ୍ଗରାଜ ଗ୍ରୀନ, ରାୟଗଡ଼ା ସଭାପତି କେ.କେ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଅବକାରୀ ବିଭାଗର ଲିଖିତ ପରୀକ୍ଷା

**ପାରଳାଖେମୁଣ୍ଡି, ୧୫ା୯ (ସ୍ୱ.ପ୍ର)**

ଗଜପତି ଜିଲା ଅବକାରୀ ବିଭାଗରେ ୫ କନଷ୍ଟେବଳ ପଦବୀରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ରବିବାର ଏହାର ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଛି। ଓଡିଶା ଷ୍ଟାଫ୍ ସିଲେକ୍ସନ କମିଶନ ଆନୁକୁଲ୍ୟରେ ପାରଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ପଦବୀ ଗୁଡ଼ିକ ପାଇଁ ପୂର୍ବରୁ ହୋଇଥିବା ଶାରିରୀକ ପରୀକ୍ଷାରେ ୧୨୭ଜଣ ଉତ୍ତୀର୍ଣ୍ଣ ହୋଇ ଲିଖିତ ପରୀକ୍ଷାପାଇଁ ଚୟନ ହୋଇଥିଲେ। ଜିଲାପାଳ ଅନୁପମ ଶାହାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପରୀକ୍ଷାରେ ନିରୀକ୍ଷକ ଭାବେ ସହକାରୀ ଜିଲାପାଳ ନର୍ମଦା ନାୟକ ଉପସ୍ଥିତ ଥିଲେ।

## ଡାକ୍ତରଙ୍କୁ ହତ୍ୟା ଧମକ ଦେଇ ଠିକାଦାର ଗିରଫ

**କୋରାପୁଟ,୧୫ା୯(ସ୍ୱ.ପ୍ର.)**

ପଟ୍ଟାଙ୍ଗି ଅଞ୍ଚଳର ଜଣେ ଡାକ୍ତରଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ରବିବାର ପୋଲିସ ଜଣେ ଠିକାଦାରଙ୍କୁ ଗିରଫ କରିଛି। ସେ ହେଲେ ଆଶିଷ ରାଉତ (୩୮)। ଗତ ୮ ତାରିଖରେ ଆଶିଷ ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିବା ବେଳେ କୌଣସି କାରଣରୁ ଡାକ୍ତର ପ୍ରବୀଣ ସାହୁଙ୍କ ସହ ତାଙ୍କର ବଚସା ହୋଇଥିଲା। ଏଥିରେ ଆଶିଷ ଡାକ୍ତରଙ୍କୁ ହତ୍ୟା ଧମକ ଦେଇଥିଲେ। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ ପଟ୍ଟାଙ୍ଗି ଥାନାରେ ଏତଲା ଦେବା ପରେ ଏନେଇ ଗତ ୯ ତାରିଖରେ କେସ୍ ନଂ ୮୫/୨୦୧୯ରେ ଏକ ମାମଲା ରୁଜୁ ହୋଇଥିଲା।

## ନିର୍ମାଣର ବର୍ଷେ ନ ପୂରୁଣୁ ଉଠିଲା ପିଚୁ

**ଚନ୍ଦ୍ରପୁର, ୧୫ା୯ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ପିସ୍କାପଙ୍ଗା ପଞ୍ଚାୟତ ସଦର ମହକୁମାରୁ ଶୁଣ୍ଡି ହିରବା ପର୍ଯ୍ୟନ୍ତ ୫ କି.ମି. ରାସ୍ତା ନିର୍ମାଣର ବର୍ଷେ ନ ପୂରୁଣୁ ପିଚୁ ଉଠିଗଲାଣି । ନିମ୍ନମାନର କାମ ଯୋଗୁ ଏପରି ପରିସ୍ଥିତି ଉପୁଜିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

୨୦୧୮-୧୯ ଆର୍ଥିକ ବର୍ଷରେ ଉକ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିଲା। ହେଲେ ବର୍ତ୍ତମାନ ରାସ୍ତାର ଅଧିକାଂଶ ଜାଗାରେ ପିଚୁ ଉଠି ଗର୍ତ୍ତ ସୃଷ୍ଟି ହୋଇଛି । ଦିନକୁ ଦିନ ଏହି ରାସ୍ତା ଶୋଚନୀୟ ହେବାରେ ଲାଗିଛି। କାମ ସମୟରେ ସମ୍ପୃକ୍ତ ଠିକାଦାର ନ ରହିବା , ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଅବହେଳା ତଥା ନିମ୍ନମାନର କାମ ଯୋଗୁ ଏପରି ହୋଇଛି ବୋଲି ପିସ୍କାପଙ୍ଗା ସରପଞ୍ଚ ଦ୍ୱିତୀ ହିକ୍‌କା ଓ ସମିତି ସଭ୍ୟ କିନ୍ଦ କିଲାକା ଅଭିଯୋଗ କରିଛନ୍ତି । ଏନେଇ ସ୍ଥାନୀୟ ଲୋକେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଆକୁ ମାଝି ଗଗେରେଙ୍ଗା, ଉପେନ୍ଦ୍ର ବିଡ଼ିକା, ଚିଟି ଦୋରା, ପୂର୍ବତନ ସରପଞ୍ଚ ମୁଟୁଡା ହିକ୍‌କା, ସୁନା ବିଡ଼ିକା ପ୍ରମୁଖ ପ୍ରକାଶ କରିଛନ୍ତି।



ରାସ୍ତାରୁ ପିଚୁ ଉଠିଯାଇଛି ।

## ୪ର୍ଥ ପ୍ରିମିୟମ୍ ଲିଗ୍ ମ୍ୟାଚର ଶୁଭାରମ୍ଭ

**ରାୟଗଡ଼ା ଅଫିସ,୧୫ା୯**

ରାୟଗଡ଼ା କ୍ରିକେଟ କ୍ଲବର ୪ର୍ଥ ପ୍ରିମିୟମ ଲିଗ୍ ମ୍ୟାଚ ଶୁଭାରମ୍ଭ ରବିବାର ସ୍ଥାନୀୟ ଷ୍ଟେଶନ ନିକଟ ରେଳ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଜିଲା ଆରକ୍ଷୀ ଅଧୀକ୍ଷକ ଶ୍ରବଣ ବିବେକ ଏମ ,ବଚପନ ସ୍କୁଲର ଡ଼ାଇରେକ୍ଟର ଅଶ୍ୱିନ ଦାସ, ଅରୁଣ ଚୌଧୁରୀ ,ଇଷ୍ଟ କୋଷ୍ଟ ରେଲୱେର ଉପସଭାପତି ଅଶୋକ ପାଢ଼ୀ, ରାୟଗଡ଼ା କୋର୍ଟ ବାର ଆସୋସିଏଶନ ସେକ୍ରେଟାରୀ ପଦ୍ମଲୋଚନ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ମ୍ୟାଚ ୩ ମାସ ଧରି ଚାଲିବ । ଏଥିରେ ୧୧ଟି ଟିମ୍ ମ୍ୟାନେଜର ଓ ସମସ୍ତ ଖେଳାଳି ଉପସ୍ଥିତ ଥିଲେ । ଏହି ମ୍ୟାଚରେ ଅମ୍ପାୟର ରମେଶ ଏବଂ ଜାନକୀ ଥିଲେ । କର୍ମମୟ ଏବଂ ବ୍ୟସ୍ତତା ଜୀବନ ଭିତରେ ମନୁଷ୍ୟ ବ୍ୟସ୍ତ ରହି ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହେ ନାହିଁ । ତେଣୁ ସୁସ୍ଥ ଜୀବନ ପାଇଁ ଖେଳ ଗୁରୁତ୍ୱପୂର୍ଣ୍ଣ ଏବଂ ଏହା କ୍ଲବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେମାନେ କହିଥିଲେ ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏସ୍‌ପିଙ୍କ ସହ ଖେଳାଳିମାନେ ।

## ପୂର୍ତ୍ତ ବିଭାଗର ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ

**ଗୁଣପୁର,୧୫ା୯(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ପୂର୍ତ୍ତ ବିଭାଗ ପକ୍ଷରୁ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଆଇଇଟି କଲେଜ ଛାତ୍ରମାନଙ୍କୁ ନେଇ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ସ୍ୱଚ୍ଛତା ନେଇ ଲୋକଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା । ମୁଖ୍ୟରାସ୍ତା ଉପରେ ଅଳିଆ ଆବର୍ଜନା ନ ପକାଇବା, ପ୍ଲାଷ୍ଟିକ ମୁକ୍ତ ସହର ଗଠନ ଏବଂ ନିଜ ନିଜର ପରିବେଶ ସଫେଇ ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଉଦ୍ଧବଚରଣ ପାଢୀ, ସହକାରୀ ଯନ୍ତ୍ରୀ ଶ୍ରୀନିବାସ ରାଓଙ୍କ ସମେତ ବିଭାଗର ଅନ୍ୟାନ୍ୟ କର୍ମଚାରୀ ଏବଂ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।



ସ୍ୱଚ୍ଛତା ନେଇ ବାହାରିଥିବା ଶୋଭାଯାତ୍ରା।

# ସୁଧୁରୁନି ଡେଙ୍ଗାଗୁଡ଼ାବାସୀଙ୍କ ସମସ୍ୟା

**ଟିକିରି,୧୫ା୯(ଡି.ଏନ୍.ଏ.)**

ରାୟଗଡା ଜିଲା କାଶୀପୁର ବ୍ଲକ ଦୁଦୁକାବାଳହାଲ ପଞ୍ଚାୟତରେ ରହିଛି ଡେଙ୍ଗାଗୁଡା ଗ୍ରାମ । ଏହି ଗ୍ରାମ ଆଦିବାସୀ ବହୁଳ । ଏଠାରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ପଞ୍ଚାୟତ ସଦର ନିକଟରେ ରହିଥିବା ଏହି ଗ୍ରାମର ମୁଖ୍ୟ ସମସ୍ୟା ହେଲା ରାସ୍ତା ଓ ପାନୀୟଜଳ । ଏଠାରେ ଦୁଇଟି ନଳକୂପ ରହିଛି । ସେଥିମଧ୍ୟରୁ ଗୋଟିଏ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି । ଯେଉଁ ଗୋଟିଏ ରହିଛି, ସେଥିରୁ ଦୂଷିତ ପାଣି ବାହାରୁଥିବାରୁ ଏହା ବ୍ୟବହାର ଉପଯୋଗୀ ହୋଇ ପାରୁନାହିଁ । ସେଥିରୁ ଟିକି ଟିକି ପୋକ ବାହାରୁଥିବା ଗ୍ରାମର ମହିଳାମାନେ କହିଛନ୍ତି । ଫଳରେ ଗ୍ରାମବାସୀ ପାଣି ପାଇଁ ଡହଳବିକଳ ହେଉଛନ୍ତି । ସେହିପରି ଗାଁର ମୁଖ୍ୟ ରାସ୍ତା ଶୋଚନୀୟ ହୋଇପଡିଛି । ବର୍ଷାଦିନରେ ଏହି ରାସ୍ତା କାଦୁଅ ହୋଇଯାଉ ଥିବାରୁ ଲୋକେ ଯାଆସ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସାହିରାସ୍ତାର କିଛି ଅଂଶ କଂକ୍ରିଟ କରାଯାଇଥିଲା । ନିର୍ବାଚନ ପରେ ଅବଶିଷ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି କୁହାଯାଇଥିଲା । ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଉକ୍ତ ରାସ୍ତା କାମ କରାଗଲା ନାହିଁ । ବାରମ୍ବାର ଅଭିଯୋଗ କଲେ ମଧ୍ୟ ଗାଁର ସମସ୍ୟା ସୁଧୁରୁନି ବୋଲି ଗ୍ରାମର ସର୍ଦ ମାଝି, ପବନ ମାଝି, ପଦ୍ମନାଭ ମାଝି, ଗୋପାଳ ମାଝି, ସୁରେ ମାଝି, ପବିତ୍ର ମାଝି,ଶବର ମାଝି, ସୀତାରାମ ମାଝି ପ୍ରକାଶ କରିଛନ୍ତି । ତେଣୁ ତୁରନ୍ତ ରାସ୍ତା ନିର୍ମାଣ ଓ ପାନୀୟଜଳ ସୁବିଧା କରିବାକୁ ଗ୍ରାମବାସୀ ଦାବି କରୁଛନ୍ତି । ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।



ଶୋଚନୀୟ ହୋଇ ପଡ଼ିଥିବା ରାସ୍ତା ।